بسم الله الرحمن الرحيم

୮ ନଭେମ୍ବର ୨୦୧୯ ଖୁତବା ଜୁମାର ସାରାଂଶ
ସ୍ଥାନ - ମସଜିଦ୍ ବୟତୁଲ୍ ଫୁତୁହ, ଲଣ୍ଡନ

ତହରିକେ ଜଦିଦ୍‌ର ନୂତନ ବର୍ଷର ଭବ୍ୟ ଘୋଷଣା ଏବଂ ଅହମଦିମାନଙ୍କ ଅର୍ଥ ଦାନର ବିଶ୍ୱାସ ବର୍ଦ୍ଧକ ଘଟଣାମାନର ହୃଦୟଗ୍ରାହୀ ଚର୍ଚ୍ଚା ।

ତଶହୁଦ୍, ତଉଜ ଓ ସୁରଃ ଫାତିହାର ଆବୃତି କରିବା ଅନ୍ତେ ହଜୁର ଅନଓ୍ୱର ଅ.ବ ସୁରଃ ବକରାଃର ନିମ୍ନ ପଙ୍କ୍ତିର ଆବୃତି କଲେ ତଥା ତାହାର ଅନୁବାଦ ଉପସ୍ଥାପନ କଲେ- **ଲୈସା ଆଲୈକା ହୁଦାହୁମ୍ ଓଲା କିନ୍ନଲ୍ଲାହା ୟହ୍‌ଦି ମଇଁୟଶା । ଓମା ତୁନ୍‌ଫକୁ ମିନ୍ ଖୈରିନ୍ ଫଲିଅନ୍ ଫୁସିକୁମ୍ । ଓମା ତୁନଫିକୁନା ଇଲ୍ଲବ୍‌ତିଗାଆ ଓଜ୍‌ହିଲ୍ଲାହ୍ । ଓମା ତୁନ୍‌ଫିକୁ ମିନ୍ ଖୈରିନ୍ ୟୁଓ୍ୱଫ୍‌ଫା ଇଲୈକୁମ୍ ଓଅନ୍‌ତୁମ୍ ଲାତୁଜ୍‌ଲମୁନ୍** ଅର୍ଥାତ ସେମାନଙ୍କୁ ସତ୍‌ପଥଗାମୀ କରାଇବା ଦାୟିତ୍ୱ ତୁମ୍ଭ ଉପରେ ନ୍ୟାସ୍ତ ହୋଇ ନାହିଁ କିନ୍ତୁ ଅଲ୍ଲାଃ ଯାହା ପ୍ରତି ପ୍ରସନ୍ନ ହୁଅନ୍ତି ତାହାକୁ ସତ୍‌ପଥଗାମୀ କରାନ୍ତି ଏବଂ ଯାହା କିଛି ବିଶୁଦ୍ଧ ଧନ ତୁମେମାନେ ଅଲ୍ଲାଃଙ୍କ ମାର୍ଗରେ ବ୍ୟୟ କର ଏବଂ ବାସ୍ତବରେ ଏହା କେବଳ ତୁମେ ଅଲ୍ଲାଃଙ୍କ ପ୍ରସନ୍ନତା ଲାଭ କରିବା ଉଦ୍ଦେଶ୍ୟରେ କର ତେବେ ତାହାର ଲାଭ ତୁମମାନଙ୍କୁ ହିଁ ପ୍ରାପ୍ତ ହେବ ଏବଂ ଯେଉଁ ବିଶୁଦ୍ଧ ଧନ ତୁମେମାନେ ବ୍ୟୟ କରିବ ତାହା ତୁମମାନଙ୍କୁ ସମ୍ପୂର୍ଣ୍ଣ ରୂପେ ଫେରସ୍ତ ଦିଆଯିବ ଓ ତୁମମାନଙ୍କ ପ୍ରତି ଅତ୍ୟାଚାର କରାଯିବ ନାହିଁ ।

ହଜୁର ଅନଓ୍ୱର ଅ.ବ କହିଲେ- ଏହି ଆୟତରୁ ସ୍ପଷ୍ଟ ହେଉଅଛି ଯେ ଅଲ୍ଲାଃ କାହାରିକୁ ପୁଣ୍ୟ ଅର୍ଜନ କରିବାର ମାର୍ଗ ତ ପ୍ରଦର୍ଶନ କରେଇଥାନ୍ତି କିନ୍ତୁ ଏହା ଜରୁରୀ ନୁହେଁ ଯେ ନିଶ୍ଚିତ ରୂପେ ତାହାକୁ ସେହି ପଥରେ ପରିଚାଳିତ ମଧ୍ୟ କରେଇଥାନ୍ତି । ଏହି କାର୍ଯ୍ୟ ଅଲ୍ଲାଃ ନିଜ ଅଧିନରେ ରଖିଛନ୍ତି ଏବଂ ଯେଉଁ ବ୍ୟକ୍ତି ଅଲ୍ଲାଃଙ୍କ ଆଡ଼କୁ ବଢିବାକୁ ଚେଷ୍ଟା କରେ ତଥା ଦୁଆ ମଧ୍ୟ କରିଥାଏ ସେତେବେଳେ ସେ ଅଲ୍ଲାଃଙ୍କ କୃପା ଲାଭ କରିବା ନିକଟବର୍ତୀ ହୋଇଥାଏ । ସୁତରାଂ ଏଥିପାଇଁ ଆବଶ୍ୟକ କି ଆମେ ସତ୍ ମାର୍ଗ ପ୍ରାପ୍ତ କରିବା ଅନ୍ତେ ଦୁଆ କରିବା ପ୍ରଥାକୁ ଅବ୍ୟାହତ ରଖିବା ତଥା ତାଙ୍କ କୃପା ଲାଭ କରିବା ପାଇଁ ପ୍ରାର୍ଥନା ମଧ୍ୟ କରିବା ଯଦ୍ୱାରା (ଆମର) ପରିଣାମ ସଦ୍‌ଗତି ହେବ ।

ହଜୁର ଅନଓ୍ୱର ଅ.ବ କହିଲେ- ଉକ୍ତ ପଙ୍କ୍ତିରେ ଅଲ୍ଲାଃତାଲା ଦ୍ୱିତୀୟ ଗୂଢ ରହସ୍ୟ ଏହା ଦର୍ଶାଇଛନ୍ତି ଯେ ତୁମେ ନିଜ ବିଶୁଦ୍ଧ ଧନରୁ ଯାହା ତାଙ୍କ ମାର୍ଗରେ ଖର୍ଚ୍ଚ କରିବ, ବସ୍ତୁତଃ ତୁମର ହିଁ ଉପକାର ସାଧିତ ହେବ । ଅଲ୍ଲାଃଙ୍କ ମାର୍ଗରେ ପବିତ୍ର ମନର ସହ ଖର୍ଚ୍ଚ କରାଯିବା ବିଶୁଦ୍ଧ ଧନ ସହସ୍ର ଗୁଣା ବଢି ମିଳିଥାଏ । ଏହି ପରିପ୍ରେକ୍ଷୀରେ ଅହମଦିମାନେ ନିଜ ଅଭିଜ୍ଞତା ଲେଖିଥାନ୍ତି କି କିଭଳି ସେମାନେ ଅଲ୍ଲାଃଙ୍କ ମାର୍ଗରେ ଅର୍ଥ ବ୍ୟୟ କଲେ ଏବଂ ପରିଣାମ ସ୍ୱରୂପ ଅଲ୍ଲାଃ କିଭଳି ତାଙ୍କୁ ବହୁଗୁଣିତ କରି ଫେରସ୍ତ କଲେ । ଅତଃ ଅଲ୍ଲାଃତାଲା କୁହନ୍ତି ମୁଁ କାହାର ଉଧାର ରଖେ ନାହିଁ । ତୁମେମାନେ ମୋର ପ୍ରୀତିଭାଜନ ଲାଭ କରିବା ନିମନ୍ତେ ନିଜ ବିଶୁଦ୍ଧ ଧନ ମଧ୍ୟରୁ ମୋର ମାର୍ଗରେ ଓ ମୋର କହିବା ଅନୁଯାୟୀ ଦାନ କଲ ତେଣୁ ମୁଁ ତାହାର ପୁରସ୍କାର ତୁମକୁ ଫେରସ୍ତ କରିବି । କିନ୍ତୁ **ସର୍ତ ଏହି କି ଯେ ଧନ ବିଶୁଦ୍ଧ ହୋଇଥିବ** । ହଜୁର ଅନଓ୍ୱର ଅ.ବ କହିଲେ- ଅଲ୍ଲାଃଙ୍କ କୃପା ହାସଲକାରୀ ଏବଂ ଅଲ୍ଲାଃଙ୍କ ଏହି ଉକ୍ତିର ଅଭିଜ୍ଞତା ଓ ପାରଦର୍ଶିତା ରଖିଥିବା ଅହମଦିଙ୍କ ସଂଖ୍ୟା ସହସ୍ର ବରଂ ଲକ୍ଷାଧିକ ଅଟେ । ସେମାନଙ୍କ ମଧ୍ୟରୁ ଏଠାରେ ମୁଁ କିଛି ଅହମଦିମାନଙ୍କ ଉଦାହରଣ ଉପସ୍ଥାପନ କରିବି । ଏହି ଅର୍ଥ ଦାନ କରିବାର ଦୃଶ୍ୟ ଆମେ ହଜରତ ମସିହ ମଉଦ ଅ.ସଙ୍କ ସମୟ କାଳରୁ ଦେଖି ଆସୁଅଛୁ ।

ସେରେଲିଓ୍ୱନ୍‌ରୁ ଜଣେ ମୁବଲିଗ୍ ସାହେବ ଲେଖିଛନ୍ତି- ଲୋନସୋର ଅଂଚଳର ଜଣେ ନୂତନ ଅହମଦି ଶ୍ରୀମାନ କମାରା ସାହେବଙ୍କୁ ତହରିକେ ଜଦିଦ୍ ସହ ପରିଚିତ କରାଇ, ଚାନ୍ଦା ଦେବା ଫଳରେ କିଭଳି ଅଲ୍ଲାଃଙ୍କ ବିଭୂତି ପ୍ରାପ୍ତି ହୋଇଥାଏ, ବୁଝାଇବାରୁ ସେ ନିଜ ଚାନ୍ଦା ଆମ (ଧାର୍ଯ୍ୟ ଚାନ୍ଦା) ପ୍ରଦାନ କରିବା ସହିତ ନିଜ ତହରିକେ ଜଦିଦ୍‌ର ଚାନ୍ଦା ମଧ୍ୟ ପ୍ରଦାନ କରିଦେଲେ । ତାଙ୍କ ନିକଟରେ ସେତେବେଳେ ସ୍ୱଳ୍ପ ଅର୍ଥ ଥିଲା ଯାହାକି ସେ ନିଜ ଘର ପାଇଁ ଚାଉଳ କଣିବାକୁ ରଖିଥିଲେ କିନ୍ତୁ ତାହା ମଧ୍ୟ ସେ ତହରିକେ ଜଦିଦ୍ ପାଣ୍ଠିରେ ଦାନ କରିଦେଲେ । ସେ କୁହନ୍ତି କିଛି ଦିନ ଅନ୍ତେ ଉକ୍ତ ବ୍ୟକ୍ତି ଜଣକ ପୁନର୍ବାର ଆସିଲେ ଏବଂ କହିଲେ ଯେଉଁ ଦିନ ମୁଁ ତହରିକେ ଜଦିଦ୍‌ର ଚାନ୍ଦା ପୈଠ କଲି ତା'ପର ଦିନ ମୋ କମ୍ପାନୀ ମୋତେ କହିଲା ଆମେ ତୁମ ବିଭାଗ ବଦଳାଇ

ଦେଇଛୁ ଏବଂ ନୂତନ ବିଭାଗରେ ଆପଣଙ୍କ ବେତନ ଦୁଇଗୁଣା ହୋଇଯାଇଛି ତଥା ଅନ୍ୟାନ୍ୟ Benefits (ସୁବିଧା) ମଧ୍ୟ ଅନେକ ରହିଛି । ସେ କୁହନ୍ତି ଯେଉଁ ବିଭୂତିର ଚର୍ଚ୍ଚା ମୁଁ ଶୁଣିଥିଲି ଅଲ୍ଲାଃତାଲା ତାହାର ଝଲକ ମୋତେ ସ୍ୱୟଂ ଦେଖାଇଦେଲେ । ଆପଣ ଆହୁରି କହିଲେ ଆସନ୍ତାରେ ମୁଁ ପ୍ରତି ମାସରେ ଚାନ୍ଦା ଆମ ସହିତ ତହରକେ ଜଦିଦ୍‌ର ଚାନ୍ଦା ମଧ୍ୟ ପୈଠ କରିଦେବି ।

ସେରେଲିଓ୍ୱନ୍‌ର ପୋଟଲୋ ଅଂଚଳର ମୁବଲିଗ୍ ସାହେବ କୁହନ୍ତି ଗୋଟିଏ ଗ୍ରାମରେ ଜଣେ ଅହମଦି ଶ୍ରୀମାନ ମୁହମ୍ମଦ ସାହେବ ରୁହନ୍ତି । ସେ ତହରିକେ ଜଦିଦ୍‌ରେ ଚାନ୍ଦା ପୈଠ କରିବାର ଯେଉଁ ପ୍ରତିଶୃତି ଦେଇଥିଲେ ତାହା ସେ ପୈଠ କରିପାରି ନଥିଲେ । ଯେତେବେଳେ ବର୍ଷ ଶେଷ ହେବାକୁ ଆସିଲା ସେ କହିଲେ- ମୋ ନିକଟରେ ମାତ୍ର କିଛି କପ ଚାଉଳ ବ୍ୟତୀତ ଅନ୍ୟଥା କିଛି ନାହିଁ ଏବଂ ତାହାକୁ ମଧ୍ୟ ସେ ବିକ୍ରି କରି ଚାନ୍ଦା ପୈଠ କରିଦେଲେ, ଅଲ୍ଲାଃତାଲା ତାହା ପ୍ରତି ବଦଳରେ ତାଙ୍କୁ ୧୦୦କିଲୋ ଚାଉଳ ସହିତ କିଛି ଟଙ୍କା ମଧ୍ୟ ପ୍ରଦାନ କରିଦେଲେ ।

ଇଂଲଣ୍ଡର ଜଣେ ମହିଳାଙ୍କ ସହ ଅଲ୍ଲାଃତାଲା କିଭଳି ଆଚରଣ ପ୍ରଦର୍ଶନ କଲେ ଯାହାକି ତାଙ୍କ ବିଶ୍ୱାସରେ ଅଭିବୃଦ୍ଧି ଘଟାଇଲା, ଶୁଣନ୍ତୁ । ସେ କୁହନ୍ତି ମୁଁ ତହରିକେ ଜଦିଦ୍‌ର ଚାନ୍ଦା ପୈଠ କରି ସାରିଥିଲି କିନ୍ତୁ ପୁନରାୟ ସ୍ଥାନୀୟ ସଦର ସାହେବାଙ୍କ ନିକଟରୁ ମୋତେ ଖବର ମିଳିଲା କି ଆମକୁ ନିଜ ଲକ୍ଷ ପୂରଣ କରିବା ନିମନ୍ତେ ଆହୁରୀ ଅର୍ଥ ଜମା କରିବାର ଆବଶ୍ୟକତା ରହିଛି । ସେ କୁହନ୍ତି ମୋ ନିକଟରେ ଯେତେ (ଜମା) ପୁଞ୍ଜୀ ଥିଲା ତାହା ମୁଁ ପୈଠ କରିଦେଲି । ତା'ପର ଦିନ ମୁଁ ନିଜ ବ୍ୟାଙ୍କ ଆକାଉଣ୍ଟ ଦେଖି ଆଶ୍ଚର୍ଯ୍ୟ ଚକିତ ହୋଇଗଲି, କାରଣ ଯେତେ ଟଙ୍କା ମୁଁ ପାଣ୍ଠିରେ ପୈଠ କରିଥିଲି ତାହାର ଚାରି ଗୁଣା ଅର୍ଥ ବ୍ୟାଙ୍କ ତରଫରୁ ମୋ ଆକାଉଣ୍ଟରେ ଜମା କରାଯାଇଥିଲା । ଯାହା ମିଳିବାର ମୋର କୌଣସି ଧାରଣା ନଥିଲା ।

ବୁରକିନାଫାସୋର ଅମିର ସାହେବ ଲେଖିଛନ୍ତି କି କୋଲୋର ଅଂଚଳର ଶ୍ରୀମାନ ସାଓ୍ୱାଡ଼ ସାହେବ ତହରିକେ ଜଦିଦ୍‌ର ଚାନ୍ଦାରେ ପ୍ରତି ମାସରେ ୧୦୦ ଫ୍ରାଙ୍କ ଦିଅନ୍ତି । ତାଙ୍କୁ ଏକଦା କେହି ଉପହାରସ୍ୱରୂପ ତିନୋଟି ଛେଳି ପ୍ରଦାନ କଲେ । ସେଥିମଧ୍ୟରୁ ସେ ଗୋଟିଏ ଛେଳି ତହରିକେ ଜଦିଦ୍‌ରେ ଦାନ କରିଦେଲେ । ଏତତ୍ ଦ୍ୱାରା ଅଲ୍ଲାଃତାଲା ତାଙ୍କୁ ଏଭଳି ବିଭୂତି ପ୍ରଦାନ କଲେ କି ସେ ବର୍ତମାନ ଅନେକ ଛେଳିର ମାଲିକ ଅଟନ୍ତି । ଏବେ ସେ ୧୦୦ଫ୍ରାଙ୍କ ପରିବର୍ତେ ପ୍ରତି ମାସରେ ୧୦୦୦ଫ୍ରାଙ୍କ ତହରିକେ ଜଦିଦ୍‌ରେ ଚାନ୍ଦା ଦେଉଛନ୍ତି ।

ଭାରତର କର୍ଣ୍ଣାଟକ ରାଜ୍ୟରୁ ଇନିସ୍‌ପେକ୍ଟର ତହରିକେ ଜଦିଦ୍ ଶ୍ରୀମାନ ଇବ୍ରାହିମ୍ ସାହେବ ଲେଖିଛନ୍ତି ଗୁଲବର୍ଗାର ଜଣେ ଯୁବକଙ୍କୁ ବ୍ୟାଙ୍ଗଲୋରର ଏକ କମ୍ପାନୀରେ ମାସିକ ୨୦୦୦୦ ପାରିଶ୍ରମିକର ଏକ ବୃତି ମିଳିଥିଲା । ସେ ଲେଖିଛନ୍ତି ଉକ୍ତ ଯୁବକ ଜଣକ ହଜରତ ମୁସଲେହ ମଉଦ ର.ଅଙ୍କ ନିର୍ଦ୍ଦେଶାନୁଯାୟୀ ନିଜ ବେତନର ଅଧା ଚାନ୍ଦା ଦେବାକୁ କହିବାରୁ, ଯଦିଚ ତାଙ୍କ ଘର ଅବସ୍ଥା ସ୍ୱଚ୍ଛଳ ନଥିଲା ତଥାପି ସେ ୧୦୦୦୦ଟଙ୍କା ଚାନ୍ଦା ଦେବାର ପ୍ରତିଶୃତି ଲେଖାଇଦେଲେ । ତାଙ୍କ ବନ୍ଧୁବାନ୍ଧବମାନେ ତାଙ୍କୁ ବୁଝାଇଲେ କି ବର୍ତମାନ ତୁମକୁ ନୂତନ ଚାକିରୀ ମିଳିଛି, ଏତେ ଟଙ୍କା ଚାନ୍ଦା ଦେବା ତୁମ ପକ୍ଷେ କଷ୍ଟକର ହେବ । **ସେ କହିଲେ ହଜରତ ମୁସଲେହ ମଉଦ ର.ଅ କହିଛନ୍ତି ଯେପର୍ଯ୍ୟନ୍ତ ମଣିଷ ପୂର୍ଣ୍ଣ ପ୍ରୟାସ କରି ନାହିଁ ସେପର୍ଯ୍ୟନ୍ତ ଅଲ୍ଲାଃଙ୍କ ଦେବଦୂତ ତାହା ଅଭ୍ୟନ୍ତରରେ ଶକ୍ତି ସଂଚାର କରିନଥାନ୍ତି** । ତେଣୁକରି ବର୍ତମାନ ମୁଁ ଏହି ପରିମାଣର ରାଶି ହିଁ ଦାନ କରିବି । ସେ କୁହନ୍ତି ଏହି ଘଟଣାକୁ କିଛି ଦିନ ଅତିବାହିତ ହୋଇନଥିଲା ଯେ ତାଙ୍କୁ ଅନ୍ୟ ଏକ କମ୍ପାନୀରେ ଚାକିରୀ ମିଳିଗଲା । ଯେଉଁଠାରେ ସେ ମାସିକ ଏକ ଲକ୍ଷ ୨୭ହଜାର ବେତନ ପାଉଛନ୍ତି ଏବଂ ସେ କୁହନ୍ତି ଏସବୁ ଚାନ୍ଦା ଦେବାର ପ୍ରତିଫଳ ଅଟେ ।

କେରଳ ରାଜ୍ୟର ଇନିସ୍‌ପେକ୍ଟର ତହରିକେ ଜଦିଦ୍ ଲେଖିଛନ୍ତି କେରୋଲାଇ ଅଂଚଳର ଜଣେ ନିଷ୍ଠାପର ଅହମଦି ଯେ ତହରିକେ ଜଦିଦ୍ ପାଣ୍ଠିରେ ଅର୍ଥ ଦାନକାରୀଙ୍କ ମଧ୍ୟରେ ବେଶ୍ ମାନ୍ୟଗଣ୍ୟ ବ୍ୟକ୍ତି ଅଟନ୍ତି । ସେ ଚଳିତ ବର୍ଷ ଉକ୍ତ ପାଣ୍ଠିରେ ୧୫ଲକ୍ଷ ଟଙ୍କା ପ୍ରଦାନ କରିବାର ପ୍ରତିଶୃତି ଲେଖାଇଲେ କିନ୍ତୁ ମାତ୍ର ୨ଲକ୍ଷ ଟଙ୍କା ପରିଶୋଧ କରିପାରିଥିଲେ । ଏବଂ ଅପର ପାର୍ଶ୍ୱରେ ବର୍ଷ ଶେଷ ହେବାକୁ ଆସିବାରୁ ସେ ଅତ୍ୟନ୍ତ ବ୍ୟତିବ୍ୟସ୍ତ ହୋଇ ମୋତେ ଦୁଆ କରିବା ପାଇଁ ପତ୍ର ଲେଖିଲେ । ବର୍ଷ ଶେଷର ଅନ୍ତିମ ଦିନ ସେ ପୁନର୍ବାର ନିବେଦନ ପୂର୍ବକ ମୋତେ ପତ୍ର ଲେଖିଲେ କି ଆପଣ ଦୁଆ କରିବେ ଅଲ୍ଲାଃତାଲା ନିଜ କୃପା ବଳରେ ମୋତେ ନିଜ ପ୍ରତିଶୃତି ଅନୁଯାୟୀ ଅର୍ଥ ପୈଠ କରିବାକୁ ଶକ୍ତି ପ୍ରଦାନ କରନ୍ତୁ । ସେ କୁହନ୍ତି ଏଥିଅନ୍ତେ ମାତ୍ର କିଛି କ୍ଷଣ ଅତିବାହିତ ହୋଇଥିବ କି ଏକ ବଡ଼ ଅଙ୍କ ବିଶିଷ୍ଟ ରାଶି ମୋ ଖାତାରେ ଜମା ହୋଇଗଲା ଯଦ୍ୱାରା ସେ କେବଳ ନିଜ ପ୍ରତିଶୃତିର ରାଶି ପୈଠ କଲେ ନାହିଁ ବରଂ ଆହୁରି ଅଧିକ ଅର୍ଥ ମଧ୍ୟ ପ୍ରଦାନ କଲେ ।

ପୁଣି ବେନିନ୍‌ର ନାତି ଅଂଚଳର ମୌଲିମ୍ ସାହେବ ଲେଖିଛନ୍ତି କତମପୋତି ଜମାଅତର ଜଣେ ବନ୍ଧୁଙ୍କୁ ଯେତେବେଳେ ତହରିକେ

ଜଦିଦ୍‌ରେ ଚାନ୍ଦା ଦେବାକୁ କୁହାଗଲା ସେ କୌଣସି ପ୍ରକାର ପୃଷ୍ଟଭଙ୍ଗ କରିବା ପରିବର୍ତେ ସଙ୍ଗେସଙ୍ଗେ ୩୦୦୦ଫ୍ରାଙ୍କ ସିଫା ପ୍ରଦାନ କରିଦେଲେ । ମୌଲିମ୍ ସାହେବ କୁହନ୍ତି ଏଥିରେ ମୁଁ ବେଶ ଆଶ୍ଚର୍ଯ୍ୟ ହେଲି କି ଏଭଳି ମୋଟା ଅଙ୍କର ରାଶି ପ୍ରଦାନ କରିବାର କାରଣ କ'ଣ । ସେ କହିଲେ ମୁଁ ଚାନ୍ଦା ଦେବାରେ ଅଳସୁଆମି ପ୍ରଦର୍ଶନ କରୁଥିଲି ଯଦ୍ୱାରା ମୋର ସମସ୍ୟାମାନ ବଢି ଚାଲିଥିଲା ଏବଂ ଜମିରେ ଫସଲ ମଧ୍ୟ ଭଲ ହେଉ ନଥିଲା । ଶେଷରେ ମୁଁ ଏହି ମନରେ ଚାନ୍ଦା ଦେଲି କି ଦେଖିବା ଏହାର ବିଭୂତିରେ କିଭଳି ମୋର ଉପକାର ସାଧିତ ହେଉଛି । **ଅତଏବ ମୁଁ ନିଜ ଅଭିଜ୍ଞତାରୁ କହୁଅଛି ଯେ ଚାନ୍ଦା ଦେବା ଫଳରେ ଅଲ୍ଲାଃତାଲା ଗୁପ୍ତ ରୂପେ ସାହାଯ୍ୟ ଓ ଅନୁକମ୍ପାର ବୃଷ୍ଟି କରେଇ ଆମର ଆବଶ୍ୟକତା ପୂରଣ କରିଥାନ୍ତି ।**

ମସ୍କୋର ମୁବଲିଗ୍ ସାହେବ ଲେଖିଛନ୍ତି ବର୍ତମାନ ପ୍ରତ୍ୟେକ ଦେଶର ଅହମଦି ବଳିଦାନୀକାରୀଙ୍କୁ ଅଲ୍ଲାଃତାଲା ନିଜ ଆଶିଷର ଝଲକ ଦେଖାଉଛନ୍ତି । ଉଜ୍‌ବେକିସ୍ଥାନର ଜଣେ ବନ୍ଧୁ ଶ୍ରୀମାନ ଜାଏର ସାହେବ ଅଟନ୍ତି । କିଛି ଦିନ ପୂର୍ବେ ତାଙ୍କୁ ତହରିକେ ଜଦିଦ୍‌ରେ ଚାନ୍ଦା ଦେବାକୁ ପୌତ୍ସାହିତ କରିବାରୁ ସେ କହିଲେ ମୁଁ ଆଜିକାଲି ଉଜ୍‌ବେକିସ୍ଥାନରେ ଟ୍ୟାକ୍‌ସି ଚଲାଉଛି ଏବଂ ମୋ ପତ୍ନୀ ଦରଜୀ କାର୍ଯ୍ୟ କରୁଛନ୍ତି । ଉଭୟ ସ୍ୱାମୀସ୍ତ୍ରୀ ଏହି ନିୟମ ଧାର୍ଯ୍ୟ କରିଛନ୍ତି କି ସେମାନେ ନିଜ ଆମଦାନୀକୁ ତିନି ଭାଗ କରିଥାନ୍ତି । ଗୋଟିଏ ଭାଗ ପିଲାମାନଙ୍କ ପାଠପଢାରେ ଖର୍ଚ୍ଚ କରନ୍ତି, ଦ୍ୱିତୀୟ ଭାଗରେ ଘର ଖର୍ଚ୍ଚ ଏବଂ ତୃତୀୟ ଭାଗ ଅଲ୍ଲାଃଙ୍କ ମାର୍ଗରେ ଖର୍ଚ୍ଚ କରିଥାନ୍ତି । ଏତତ୍ ଦ୍ୱାରା ଉଭୟ ପତିପତ୍ନୀଙ୍କ ବୈବାହିକ ଜୀବନ ବେଶ୍ ସୁଖଶାନ୍ତିରେ ଅତିବାହିତ ହେଉଅଛି । **ଜାଏର ସାହେବ କୁହନ୍ତି ଯେତେବେଳେ ସେ ଚାନ୍ଦା ଦେବା ଆରମ୍ଭ କଲେ ସେତେବେଳେ ଅଲ୍ଲାଃତାଲା ତାଙ୍କୁ ବିଶେଷ ବିଭୂତି ପ୍ରଦାନ କଲେ ଏବଂ ସେ ନିଜ ଆମଦାନୀରେ ପୂର୍ବ ଅପେକ୍ଷା ଅଧିକ ବରକତ ପରିଲକ୍ଷୀତ କଲେ ।**

ଜର୍ମାନୀର ଜମାଅତର ଜଣେ ମହିଳା ଲେଖିଛନ୍ତି ଯେତେବେଳେ ମୁଁ ଦୁଇ ମାସର ଗର୍ଭବତୀ ଥିଲି ସେତେବେଳେ ମୁଁ ବହୁତ ଦୁଆ କରୁଥିଲି କି ମୁଁ ପ୍ରତି ମାସରେ ୧୦୦ୟୁରୋ ତହରିକେ ଜଦିଦ୍‌ରେ ଚାନ୍ଦା ଦେବି । ଯଦ୍ୱାରା ମୋ ଗର୍ଭ ଧାରଣର ପରବର୍ତୀ ସାତ ମାସ ଅତି ସହଜରେ ଅତିବାହିତ ହୋଇଗଲା । ଅଲ୍ଲାଃତାଲାଙ୍କ କୃପାରୁ ମୋର ପୁତ୍ର ସନ୍ତାନ ହେଲା । ସେ କୁହନ୍ତି ବର୍ତମାନ ମୁଁ ନିଜ ପ୍ରତିଜ୍ଞା ମୁତାବକ ପ୍ରତି ମାସରେ ତହରିକେ ଜଦିଦ୍‌ରେ ଚାନ୍ଦା ପୈଠ କରୁଅଛି ।

ହଜୁର ଅନୱର ଅ.ବ କହିଲେ- ପୃଥିବୀର ଏହି ଅଂଚଳ ଅର୍ଥାତ ୟୁରୋପ ଯାହାର ନିବାସୀ ସାଂସାରିକ ଐଶର୍ଯ୍ୟରେ ମଗ୍ନ ରହିଛନ୍ତି ଏବଂ ଅଲ୍ଲାଃଙ୍କ ଠାରୁ ଦୂରେଇ ଚାଲିଛନ୍ତି । ଏଠାରେ ମଧ୍ୟ ଅଲ୍ଲାଃ ଅହମଦିମାନଙ୍କୁ ନିଜ କୃପା ଓ କରୁଣାର ଅଶିଷ ପ୍ରଦାନ କରି ଯେଉଁସ୍ଥଳେ ନିଜ ଅସ୍ତିତ୍ୱର ପ୍ରମାଣ ଦେଉଛନ୍ତି ସେହିସ୍ଥଳେ ଅହମଦିମାନଙ୍କ ସତ୍ୟତା ମଧ୍ୟ ପ୍ରତିପାଦନ କରିଚାଲିଛନ୍ତି ।

ପୁଣି ଇଣ୍ଡୋନେସିଆର ଅମିର ସାହେବ ଲେଖିଛନ୍ତି ଜଣେ ନୂତନ ଅହମଦିଙ୍କୁ ଯେତେବେଳେ ତହରିକେ ଜଦିଦ୍‌ରେ ଚାନ୍ଦା ଦେବାକୁ ଧ୍ୟାନ ଆକର୍ଷିତ କରାଗଲା । ସେତେବେଳେ ସେ ୫ଲକ୍ଷ ଇଣ୍ଡୋନେସିଆନ୍ ଟଙ୍କା ଚାନ୍ଦା ପ୍ରଦାନ କରିବାର ପ୍ରତିଶୃତି ଦେଲେ । ଏବଂ ରମଜାନ ମାସରେ ଉକ୍ତ ରାଶି ପୈଠ ମଧ୍ୟ କରିଦେଲେ । ସେ କୁହନ୍ତି ଏକଦା ତାଙ୍କର କେହି ଜଣେ ବନ୍ଧୁ ଉପହାର ସ୍ୱରୂପ ତାଙ୍କୁ ଏକ ଲଫାଫାରେ କିଛି ଟଙ୍କା ଦେଲେ । ଯାହାକୁ ସେ ସଙ୍ଗେସଙ୍ଗେ ଚାନ୍ଦାରେ ପ୍ରଦାନ କରିଦେଲେ ଏବଂ ସେଥିରେ ଠିକ୍ ୫ଲକ୍ଷ ଟଙ୍କା ହିଁ ଥିଲା

ପୁଣି ପିଲାମାନଙ୍କ ମଧ୍ୟରେ ନିଷ୍ଠା ଓ ବଳିଦାନର ଗୁରୁତ୍ୱ ସମ୍ବନ୍ଧରେ ଯେଭଳି ଭାବନା ରହିଛି ତାହା ମଧ୍ୟ ହଜରତ ମସିହ ମଉଦ ଅ.ସଙ୍କ ଜମାଅତରେ ଦେଖିବାକୁ ମିଳିଥାଏ । ଘାନାର ମୁବଲିଗ୍ ସାହେବ ଲେଖିଛନ୍ତି ଆମର ଜଣେ ବାଳକ ଜାହାର ବୟସ ୯ବର୍ଷ ହେବ କିଛି ଟଙ୍କା ନେଇ ଆସିଲେ ଏବଂ ତହରିକେ ଜଦିଦ୍ ପାଣ୍ଠିରେ ପ୍ରଦାନ କରିଦେଲେ । ଏଥିସମ୍ବନ୍ଧରେ ତାଙ୍କୁ ପଚାରିବାରୁ ସେ କହିଲେ ମୁଁ ଚାନ୍ଦା ଦେବା ନିମନ୍ତେ ନିଜ ପିତାମାତାଙ୍କୁ ଟଙ୍କା ମାଗିଲି କିନ୍ତୁ କୌଣସି କାରଣ ବଶତଃ ମୋତେ ଟଙ୍କା ମିଳିଲା ନାହିଁ । ସେ କୁହନ୍ତି ତା'ପରେ ମୁଁ ଏକ ଦୋକାନରେ କାମ କରିବା ଆରମ୍ଭ କରିଦେଲି । ଏବଂ ଜାହା ଉପାର୍ଜନ କଲି ତାହା ମୁଁ ଚାନ୍ଦାରେ ପୈଠ କରୁଅଛି ।

ହଜୁର ଅନୱର ଅ.ବ କହିଲେ- ଅଲ୍ଲାଃତାଲା ସେମାନଙ୍କ ଧନ ଓ ବିଶ୍ୱାସରେ ଅଶେଷ ବରକତ୍ ପ୍ରଦାନ କରନ୍ତୁ । ଏପରି ଅର୍ଥଦାନ କରିବାର ଉତ୍ସାହ ଏଠାକାର ପିଲାମାନଙ୍କ ମଧ୍ୟରେ ମଧ୍ୟ ନଥିବ ଯେ ମଜୁରୀ ଲାଗି ଅଥବା ଜଙ୍ଗଲକୁ ଯାଇ କାଠ ହାଣି ଅର୍ଥ ଉପାର୍ଜନ କରି ଚାନ୍ଦା ଦେବା । ନିଃସନ୍ଦେହ ଏଠାରେ ମଧ୍ୟ ବେଶ୍ ସୁନ୍ଦର ଉଦାହରଣମାନ ଦେଖିବାକୁ ମିଳିଥାଏ । କେତେକ ପିଲା ନିଜକୁ ମିଳୁଥିବା ଖର୍ଚ୍ଚ ସମ୍ପୂର୍ଣ୍ଣ ରୂପେ ଚାନ୍ଦାରେ ପୈଠ କରି ଦେଇଥାନ୍ତି । ତେବେ ସେ ଜାହା ହେଉ ନିଜ ନିଜ ପରିବେଶ ଓ ଅବସ୍ଥା ଅନୁଯାୟୀ ପ୍ରତ୍ୟେକ ସ୍ଥାନରେ ନିଷ୍ଠା ଓ ବିଶ୍ୱସ୍ତତାର ଉଦାହରଣ ଦେଖିବାକୁ ମିଳିଥାଏ । **ଅଲ୍ଲାଃତାଲା ଏହି ନିଷ୍ଠାପରତା ଓ ବିଶ୍ୱସ୍ତତାର ଅନୁପମ ଗୁଣକୁ ଅଭିବୃଦ୍ଧି କରିଚାଲନ୍ତୁ ।**

ବର୍ତମାନ ଔପଚାରିକ ପ୍ରଥାନୁଯାୟୀ ମୁଁ ତହରିକେ ଜଦିଦ୍‌ର କିଛିଟା ସୂଚନା (କଓ୍ୱାଇଫ୍) ଉପସ୍ଥାପନ କରିଦେଉଛି । ଅଲ୍ଲାଃତାଲା

ଯେ ହଜରତ ମସିହ ମଉଦ ଅ.ସଙ୍କ ଜମାଅତକୁ ଅର୍ଥ ଦାନ କରିବାର ଶକ୍ତି ପ୍ରଦାନ କରିଛନ୍ତି ଏବଂ ଯେଉଳି ଏମାନେ ବଳିଦାନ କରିଚାଲିଛନ୍ତି । ଏହା କେବଳ ଅଲ୍ଲାଃତାଲାଙ୍କ ସାହାଯ୍ୟ ସହଯୋଗ ନୁହେଁ ବରଂ ସେ ଅହମଦିମାନଙ୍କ ହୃଦୟରେ ଏକଥା ଉପୃର୍ଣ୍ଣ କରାଉଛନ୍ତି ଏବଂ **ଏହା ହଜରତ ମସିହ ମଉଦ ଅ.ସଙ୍କ ସତ୍ୟବାଦୀ ହେବାର ଜ୍ୱଳନ୍ତ ପ୍ରମାଣ ଅଟେ** ।

ହଜୁର ଅନୱର ଅ.ବ କହିଲେ- ଅଲ୍ଲାଃଙ୍କ କୃପାରୁ ଚଳିତ ୩୧ଅକ୍ଟୋବର ସୁଧା ତହରିକେ ଜଦିଦ୍‌ର ୮୫ତମ ବର୍ଷ ଶେଷ ହୋଇ ଏହାର ୮୬ତମ ବର୍ଷର ସୁଭାରମ୍ଭ ହୋଇଯାଇଛି । ଚଳିତ ବର୍ଷ ତହରିକେ ଜଦିଦ୍‌ର ଅର୍ଥ ବ୍ୟବସ୍ଥାରେ ସଦସ୍ୟମାନଙ୍କୁ ମୋଟ ୧୩.୬ମିଲିୟନ୍ ପାଉଣ୍ଡ ଅର୍ଥଦାନ କରିବାକୁ ଶକ୍ତି ପ୍ରାପ୍ତ ହେଲା ଏବଂ ଏହି ଆଦାୟ ଗତ ବର୍ଷ ତୁଳନାରେ ଅଲ୍ଲାଃଙ୍କ କୃପାରୁ ୮ଲକ୍ଷ ୨ହଜାର ପାଉଣ୍ଡ ଅଧିକ ଅଟେ । ଚଳିତ ବର୍ଷ ଜର୍ମାନୀ ପ୍ରଥମ ସ୍ଥାନ ହାସଲ କରିଅଛି, ଦ୍ୱିତୀୟ ସ୍ଥାନରେ ପାକିସ୍ତାନ ରହିଛି ତାପରେ ଇଂଲଣ୍ଡ ରହିଛି । ଯେହେତୁ ମୁଁ ପୂର୍ବେ ଗଣନାରେ ପାକିସ୍ତାନକୁ ଅଲଗା କରିଦେଉଥିଲି କାରଣ ପ୍ରଥମ ସ୍ଥାନରେ ପାକିସ୍ତାନ ରହି ଆସୁଥିଲା, ପାକିସ୍ତାନକୁ ବାଦ ଦେଇ ବାକି ଦେଶମାନଙ୍କର ରିପୋର୍ଟ ଉପସ୍ଥାପନ କରୁଥିଲି । ତେଣୁକରି ପାକିସ୍ତାନକୁ ବାଦ ଦେଇ ବାକି ଦଶ ଗୋଟି ଦେଶର ରିପୋର୍ଟ ଉପସ୍ଥାପନ କରୁଅଛି, ଯଦିଚ ଏଥର ପାକିସ୍ତାନ ଦ୍ୱିତୀୟ ସ୍ଥାନରେ ରହିଛି । ଜର୍ମାନୀ ପ୍ରଥମ, ପାକିସ୍ତାନକୁ ବାଦ ଦେଲେ ଇଂଲଣ୍ଡ ଦ୍ୱିତୀୟ ତା'ପରେ ଆମେରିକା, କାନେଡ଼ା, ଭାରତ, ମଧ୍ୟ ଏସିଆର ଏକ ଜମାଅତ, ଇଣ୍ଡୋନେସିଆ, ଅଷ୍ଟ୍ରେଲିଆ, ଘାନା, ମଧ୍ୟ ଏସିଆର ଆଉ ଏକ ଜମାଅତ ଯଥାକ୍ରମେ ସ୍ଥାନ ଅଧିକାର କରିଛନ୍ତି ।

ଅଲ୍ଲାଃତାଲାଙ୍କ କୃପାରୁ ପାକିସ୍ତାନ ଓ ବିଶ୍ୱର ପ୍ରତ୍ୟେକ ସ୍ଥାନରେ ଅର୍ଥାବସ୍ଥା ବେଶ୍ ସଂଙ୍କଟାପର୍ଣ୍ଣ ହେବା ସତ୍ତ୍ୱେ ତହରିକେ ଜଦିଦ୍‌ର ପାଣ୍ଠିରେ ଅଭିବୃଦ୍ଧି ଘଟିଛି । ସ୍ଥାନୀୟ ମୁଦ୍ରାର ଅଭିବୃଦ୍ଧି ଦୃଷ୍ଟିକୋଣରୁ ପ୍ରଥମ ତିନି ଗୋଟି ଦେଶ ଯଥାକ୍ରମେ ମଧ୍ୟ ଏସିଆର ଏକ ଜମାଅତ, ଭାରତ ଓ କାନେଡ଼ା ତା'ପରେ ଜର୍ମାନୀ, ଇଂଲଣ୍ଡ, ଘାନା, ପାକିସ୍ତାନ, ଇଣ୍ଡୋନେସିଆ, ଆମେରିକା ଓ ଅଷ୍ଟ୍ରେଲିଆ ସ୍ଥାନ ଅଧିକାର କରିଛନ୍ତି ।

ଗତ କିଛି ବର୍ଷ ହେଲା ମୁଁ କହୁଥିଲି କି ତହରିକେ ଜଦିଦ୍‌ରେ ଅଂଶିଦାରଙ୍କ ସଂଖ୍ୟା ଅଭିବୃଦ୍ଧି କରାନ୍ତୁ ଏବଂ ଏହି ଉଦ୍ଦେଶ୍ୟ ପୂରଣ ନିମନ୍ତେ ଚାନ୍ଦା ଅଭିବୃଦ୍ଧି କରିବା ପରିବର୍ତେ ସଦସ୍ୟମାନଙ୍କୁ ସାମିଲ କରିବାର ଲକ୍ଷ ଦିଆଯାଇଥିଲା । ଅଲ୍ଲାଃଙ୍କ କୃପାରୁ ଚଳିତ ବର୍ଷ ଏପର୍ଯ୍ୟନ୍ତ ସୁଧା ଯୋଗଦାନକାରୀଙ୍କ ସଂଖ୍ୟା ୧୮ଲକ୍ଷ ୨୭ହଜାରରୁ ଉର୍ଦ୍ଧ୍ୱ ଅଟେ ଏବଂ ନୂତନ ଯୋଗଦାନକାରୀଙ୍କ ସଂଖ୍ୟା ୧ଲକ୍ଷ ୧୨ହଜାର ରହିଛି । ଗତ ବର୍ଷ ତୁଳନାରେ ଚଳିତ ବର୍ଷ ନୂତନ ଯୋଗଦାନକାରୀଙ୍କ ସଂଖ୍ୟାରେ ଅଭିବୃଦ୍ଧି ଘଟାଇଥିବା ଦେଶମାନଙ୍କ ମଧ୍ୟରେ ବାଙ୍ଗଲାଦେଶ, କାନେଡ଼ା, ମାଲେସିୟା, ଭାରତ, ଇଣ୍ଡୋନେସିଆ, ଜର୍ମାନୀ, ଇଂଲଣ୍ଡ, ଆମେରିକା ଓ ଅଷ୍ଟ୍ରେଲିଆ ଯଥାକ୍ରମେ ସ୍ଥାନ ଅଧିକାର କରିଛନ୍ତି ।

ଦଫତର୍ ଅୱ୍ୱଲ (ପ୍ରଥମ ଚରଣର ଅଂଶିଦାର)ଙ୍କ ସଂଖ୍ୟା କେନ୍ଦ୍ରିୟ ରିପୋର୍ଟ ମୁତାବକ ୫ହଜାର ୯୨୭ ଅଟେ । ସେଥିମଧ୍ୟରୁ ଅଲ୍ଲାଃଙ୍କ କୃପାରୁ ବର୍ତମାନ ସୁଧା ୩୬ଜଣ ସଦସ୍ୟ ଜୀବିତ ଅଛନ୍ତି, ସେମାନେ ନିଜ ଚାନ୍ଦା ସ୍ୱୟଂ ଦେଉଛନ୍ତି । ବାକି (ମୃତ)ସଦସ୍ୟମାନଙ୍କ ଚାନ୍ଦା ସେମାନଙ୍କ ପରିଜନ ଓ ଜମାଅତର ନିଷ୍ଠାପର ବ୍ୟକ୍ତିଗଣ ପୈଠ କରି ଉକ୍ତ ପ୍ରକ୍ରିୟାକୁ ଅବ୍ୟାହତ ରଖିଛନ୍ତି ।

ହଜୁର ଅନୱର ଅ.ବ କହିଲେ- ଭାରତର ବଳିଦାନକାରୀଙ୍କ ମଧ୍ୟରେ ପ୍ରଥମ ଦଶ ଗୋଟି ଜମାଅତ ଯଥାକ୍ରମେ କେରୋଲାଇ, କାଦିୟାନ, ପିଥାପୁରମ, ହାଇଦ୍ରାବାଦ, କୋଏମ୍ବଟୁର, ପଙ୍ଗାଡ଼ି, ବ୍ୟାଙ୍ଗଲୁର, କାଲିକଟ, କୋଲକତା ଓ ୟାଦଗିର ଆଦି ସ୍ଥାନ ଅଧିକାର କରିଛନ୍ତି । ପ୍ରଥମ ଦଶ ଗୋଟି ରାଜ୍ୟ ମଧ୍ୟରେ ପ୍ରଥମ କେରଳ ତା'ପରେ କର୍ଣ୍ଣାଟକ, ତାମିଲନାଡୁ, ତେଲେଙ୍ଗାନା, ଜମ୍ମୁକଶ୍ମୀର, ଓଡ଼ିଶା, ପଞ୍ଜାବ, ପଶ୍ଚିମ ବଙ୍ଗ, ଦିଲ୍ଲୀ ଓ ଉତର ପ୍ରଦେଶ ଯଥାକ୍ରମେ ସ୍ଥାନ ଅଧିକାର କରିଛନ୍ତି ।

କାଶ୍ମୀରର ସାମାଜିକ ଓ ଆର୍ଥିକ ଅବସ୍ଥା ମଧ୍ୟ ଅତ୍ୟନ୍ତ ସଂଙ୍କଟାପର୍ଣ୍ଣ ରହିଛି, ଏଠାକାର ଜମାଅତ ମଧ୍ୟ ବେଶ ସ୍ୱୀକାର ଯୋଗ୍ୟ ବଳିଦାନ କରିଛନ୍ତି । ଅଲ୍ଲାଃତାଲା ସମସ୍ତ ବଳିଦାନକାରୀଙ୍କ ଧନସମ୍ପତିରେ ଅଜସ୍ର ଉନ୍ନତି ପ୍ରଦାନ କରନ୍ତୁ ।

Khulasa Khutba Juma Huzoor Anwar a.b.a
8th November 2019